# NATIONAL NEWS BULLETIN (ODIA)

**15 November - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବିହାରର ଜାମୁଇଠାରେ ଜନଜାତୀୟ ଗୌରବ ଦିବସ ପାଳନ ଅବସରରେ ଭଗବାନ ବିର୍ସା ମୁଣ୍ଡାଙ୍କ ଦେଶବ୍ୟାପୀ ୧୫୦ତମ ଜୟନ୍ତୀ ବାର୍ଷିକ ସମାରୋହର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ ।

- ତ୍ରୁଟିଶୂନ୍ୟ ପ୍ରବେଶିକା ପରୀକ୍ଷା ବ୍ୟବସ୍ଥା ପାଇଁ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଲେ ଶିକ୍ଷାମନ୍ତ୍ରୀ ।

- ଝାଡ଼ଖଣ୍ଡରେ ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ଲାଗି ଜୋର ଧରିଲା ପ୍ରଚାର କାର୍ଯ୍ୟ ।

- ଐତିହାସିକ ବାଲିଯାତ୍ରା ଆଜିଠୁ ଓଡ଼ିଶାର କଟକଠାର ଆରମ୍ଭ ।

ଏବଂ

- ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାରି ଟିକିଆ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ଚତୁର୍ଥ ତଥା ଅନ୍ତିମ ମ୍ୟାଚ୍ ଆଜି ଖେଳାଯିବ ଜୋହାନ୍ସବର୍ଗରେ ।

---

## ପିଏମ୍-ଜନଜାତୀୟ ଗୌରବ ଦିବସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବିହାରର ଜାମୁଇ ଠାରେ ଆୟୋଜିତ ଜନଜାତୀୟ ଗୌରବ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ

ଭଗବାନ ବିର୍ସା ମୁଣ୍ଡାଙ୍କ ଦେଶବ୍ୟାପି ୧୫୦ତମ ଜୟନ୍ତୀ ବାର୍ଷିକୀ ସମାରୋହର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଭଗବାନ ବିର୍ସା ମୁଣ୍ଡାଙ୍କ ସମ୍ମାନାର୍ଥେ ଏକ ସ୍ମାରକ ମୁଦ୍ରା ଏବଂ ଡାକଟିକଟ ଉନ୍ମୋଚନ କରିଛନ୍ତି । ଶ୍ରୀ ମୋଦୀ ଆଦିବାସୀ ସଂପ୍ରଦାୟଙ୍କ ବିକାଶ ତଥା ଦୁର୍ଗମ ଅଞ୍ଚଳରେ ଭିତ୍ତିଭୂମି ଉନ୍ନତି ଲାଗି ୬ ହଜାର ୬୦୦ କୋଟିରୁ ଅଧିକ ଟଙ୍କାର କେତେକ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିଛନ୍ତି ।

ପ୍ରଧାନମନ୍ତ୍ରୀ ଜନଜାତି ନ୍ୟାୟ ମହାଅଭିଯାନ ଅଧୀନରେ ନିର୍ମିତ ୧୧ ହଜାର ଆବାସ ଗୃହ ପ୍ରବେଶ କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ ଯୋଗ ଦେଇଛନ୍ତି। ଏହି ଅଭିଯାନ ଅଧୀନରେ ୨୩ଟି ଭ୍ରାମ୍ୟମାଣ ମେଡିକାଲ ୟୁନିଟ୍ ଏବଂ ଧର୍ତ୍ତି ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଅଧୀନରେ ୩୦ଟି ଅତିରିକ୍ତ ଭ୍ରାମ୍ୟମାଣ୍ୟ ମେଡିକାଲ ୟୁନିଟ୍‌ର ମଧ୍ୟ ଉଦଘାଟନ କରିଛନ୍ତି। ଆଦିବାସୀ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ସହ ଜୀବିକା ସହାୟତା ଲକ୍ଷ୍ୟରେ ୩୦୦ଟି ବନଧନ ବିକାଶ କେନ୍ଦ୍ର ଏବଂ ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ୧୦ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମଧ୍ୟପ୍ରଦେଶର ଛିନ୍ଦ୍‌ୱାଡ଼ା ଏବଂ ଜବଲପୁରରେ ଦୁଇଟି ଆଦିବାସୀ ସ୍ୱାଧୀନତା ସଂଗ୍ରହାଳୟ, ଜାମ୍ମୁ-କାଶ୍ମୀରର ଶ୍ରୀନଗର ଏବଂ ସିକ୍କିମର ଗ୍ୟାଙ୍ଗଟକ୍‌ରେ  ଦୁଇଟି ଆଦିବାସୀ ଗବେଷଣା ପ୍ରତିଷ୍ଠାନର ପ୍ରଧାନମନ୍ତ୍ରୀ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଆଦିବାସୀ ଅଞ୍ଚଳରେ ସଡ଼କ ଯୋଗାଯୋଗ କ୍ଷେତ୍ରରେ ଉନ୍ନତି ଆଣିବା ଲକ୍ଷ୍ୟରେ ପି.ଏମ୍. ଜନ୍‌ମନ୍

ଯୋଜନା ଅଧୀନରେ ୫୦୦ କିଲୋମିଟର ସଡ଼କ ପଥ ଏବଂ ୧୦୦ଟି ବହୁମୁଖୀ କେନ୍ଦ୍ରର ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି ।

ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର, ମୁଖ୍ୟମନ୍ତ୍ରୀ ନୀତିଶ କୁମାର, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, କେନ୍ଦ୍ରମନ୍ତ୍ରୀ ଚିରାଗ ପାଶୱାନ ପ୍ରମୁଖ ଯୋଗ ଦେଇଥିଲେ ।

## ପ୍ରଧାନ-ହାଇଦ୍ରାବାଦ

ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ତ୍ରୁଟିଶୂନ୍ୟ ପ୍ରବେଶିକା ପରୀକ୍ଷା ବ୍ୟବସ୍ଥା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ହାଇଦ୍ରାବାଦର ଇଣ୍ଡିଆନ୍ ସ୍କୁଲ ଅଫ୍ ବିଜିନେସ୍ ପକ୍ଷରୁ ଆୟୋଜିତ ଦ୍ୱିତୀୟ ଇନ୍‌ସାଇକ୍ସ ଫୋରମ୍ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ଅବସରରେ ଗଣମାଧମକୁ ଶ୍ରୀ ପ୍ରଧାନ ଏହା କହିଛନ୍ତି । ଡକ୍ଟର ରାଧାକ୍ରିଷ୍ଣ କମିଟି ସୁପାରିଶ ଆଧାରରେ ପ୍ରବେଶିକା ପରୀକ୍ଷା କ୍ଷେତ୍ରରେ ବହୁମୁଖୀ ସଂସ୍କାର ନେଇ ବିଚାର ଆଲୋଚନା ଚାଲିଛି । ସୁପାରିଶକୁ ସମୀକ୍ଷା କରିବାକୁ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସିକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି । ସେ କହିଛନ୍ତି ଏଭଳି ସଂସ୍କାର କାର୍ଯ୍ୟକ୍ରମରେ ରାଜ୍ୟଗୁଡ଼ିକ ମଧ୍ୟ ଅଂଶୀଦାର ହେବା ଆବଶ୍ୟକ । କାରଣ ଅଧିକାଂଶ ରାଜ୍ୟ ସେମାନଙ୍କର ନିଜସ୍ୱ ପ୍ରବେଶିକା ପରୀକ୍ଷା ଆୟୋଜନ କରିଥାନ୍ତି । ୨୦୪୭ ବିକଶିତ ଭାରତ

ସ୍ୱପ୍ନକୁ ସାକାର କରିବାକୁ ହେଲେ ଜାତୀୟ ଶିକ୍ଷାନୀତିକୁ କାର୍ଯ୍ୟକାରୀ କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ସରକାର ଗବେଷଣା ଏବଂ ଉଦ୍‌ଭାବନକୁ ପ୍ରାଥମିକତା ପ୍ରଦାନ କରୁଛନ୍ତି ବୋଲି ସେ କହିଛନ୍ତି ।

## ଝାଡ଼ଖଣ୍ଡ ପ୍ରତିଷ୍ଠା ଦିବସ

ଝାଡ଼ଖଣ୍ଡ ଆଜି ତା'ର ପ୍ରତିଷ୍ଠା ଦିବସ ପାଳନ କରୁଛି । ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଝାଡ଼ଖଣ୍ଡ ବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି ମୁର୍ମୁ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି ଭଗବାନ ବିର୍ସାମୁଣ୍ଡା, ବୀର ସିଡୋ-କାହ୍ନୁ, ଚାନ୍ଦ ଭୈରବ, ତିଲ୍‌କା ମାନ୍‌ଝି ଏବଂ ନୀଳାମ୍ବର ପୀତାମ୍ବର ଭଳି ଅନେକ ମହାନ ବ୍ୟକ୍ତିତ୍ୱ ଝାଡ଼ଖଣ୍ଡ ମାଟିକୁ ଗର୍ବିତ କରିଛନ୍ତି । ପ୍ରାକୃତିକ ସମ୍ପଦରେ ସମୃଦ୍ଧ ଝାଡ଼ଖଣ୍ଡ ଏବଂ ରାଜ୍ୟବାସୀ ଦେଶର ପ୍ରଗତିରେ ଅମୂଲ୍ୟ ଅବଦାନ ପ୍ରଦାନ କରିଛନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି ।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି ଝାଡ଼ଖଣ୍ଡର ସମୃଦ୍ଧ ପରମ୍ପରା, ପ୍ରକୃତି ସହିତ ଗଭୀର ସମ୍ପର୍କ ଏବଂ ସ୍ୱାଧୀନତା ସଂଗ୍ରାମରେ ଅମୂଲ୍ୟ ଅବଦାନ ଏହାର ଜୀବନ୍ତ ଆଦିବାସୀ ସମ୍ପ୍ରଦାୟକୁ ପ୍ରତିଫଳିତ କରୁଛି । ଆଗାମୀ ଦିନରେ ଝାଡ଼ଖଣ୍ଡ ଉନ୍ନତି, ପ୍ରଗତି ଏବଂ ସମୃଦ୍ଧିର ନୂତନ ପଥ ଉନ୍ମୁକ୍ତ କରିବ ବୋଲି ଉପରାଷ୍ଟ୍ରପତି ଆଶାବ୍ୟକ୍ତ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି ଝାଡ଼ଖଣ୍ଡ ଭୂମି ଆଦିବାସୀ ସମାଜର ସଂଘର୍ଷ ଏବଂ ବଳିଦାନ ଦ୍ୱାରା ଉଦ୍‌ବୁଦ୍ଧ

ହୋଇଛି । ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଏହି ରାଜ୍ୟ ଦ୍ରୁତ ଉନ୍ନତି କରିବ ବୋଲି ସେ ଆଶାପ୍ରକାଶ କରିଛନ୍ତି ।

## ଝାଡ଼ଖଣ୍ଡ-କ୍ୟାମ୍ପେନିଂ

ଝାଡ଼ଖଣ୍ଡରେ ଆସନ୍ତା ୨୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ଲାଗି ପ୍ରଚାର କାର୍ଯ୍ୟ ସରଗରମ ହୋଇଛି । ଏନ୍.ଡି.ଏ. ଓ ଇଣ୍ଡି ମେଣ୍ଟ ସମେତ ଅନ୍ୟାନ୍ୟ ଦଳୀୟ ନେତୃବୃନ୍ଦଙ୍କ ପକ୍ଷରୁ ଭୋଟରମାନଙ୍କୁ ନିଜ ସପକ୍ଷରେ ଆକୃଷ୍ଟ କରିବା ଲାଗି ପ୍ରଚେଷ୍ଟା ଜାରି ରହିଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

ବିଜେପିର ବରିଷ୍ଠ ନେତା ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ଧାନବାଦ୍‌ର ତୁଣ୍ଡିଠାରେ ପ୍ରଚାର କରିଛନ୍ତି । ସେହିଭଳି ରାଞ୍ଚିର ଧୁର୍ବା ଏବଂ ଗୋଡା ଠାରେ ନିର୍ବାଚନୀ ସଭାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାରରେ ସାମିଲ ହେବେ ।

ଅନ୍ୟ ପକ୍ଷରେ କଂଗ୍ରେସ ବରିଷ୍ଠ ନେତା ରାହୁଲ ଗାନ୍ଧି ମଧ୍ୟ ଆଜି ଗୋଡାର ମାହାଗାମା ଜନସମାବେଶରେ ମେଣ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନୀ ପ୍ରଚାର କରିଛନ୍ତି ।

ଆର୍‌ଜେଡିର ବରିଷ୍ଠ ନେତା ତେଜସ୍ୱୀ ପ୍ରସାଦ ଯାଦବ, ବରିଷ୍ଠ ବିଜେପି ନେତା ଶିବରାଜ ସିଂହ ଚୌହ୍ୱାନ, ହେମନ୍ତ ବିଶ୍ୱଶର୍ମା ଏବଂ ଚମ୍ପେଇ

ସୋରେନ ପ୍ରମୁଖ ରାଜ୍ୟର ବିଭିନ୍ନ ନିର୍ବାଚନୀ ର୍ୟାଲି ଗୁଡ଼ିକରେ ପ୍ରଚାରରେ ସାମିଲ ହୋଇଛନ୍ତି ।

## ଅଷ୍ଟ୍ରେଲିଆ ହାଇ କମିଶନର

ଅଷ୍ଟ୍ରେଲିଆ ହାଇ କମିଶନର ଫିଲିପ ଗ୍ରୀନ୍ ନୂଆଦିଲ୍ଲୀଠାରେ କୃଷି ଏବଂ କୃଷକ କଲ୍ୟାଣ ବିଭାଗ ସଚିବ ଡକ୍ଟର ଦେବେଶ ଚର୍ତୁବେଦୀଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଦୁଇଦେଶ ମଧ୍ୟରେ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଏବଂ ଏହାସହିତ ଜଡିତ ସହଯୋଗର ନୂତନ ମାର୍ଗ ଉନ୍ମୁକ୍ତ କରିବା ନେଇ ବୈଠକରେ ଆଲୋଚନା ହୋଇଛି । କୃଷି ସମ୍ପର୍କିତ ଜ୍ଞାନକୌଶଳ, କୃଷି ଯନ୍ତ୍ରପାତି, ଉଦ୍ୟାନ ଏବଂ ଡିଜିଟାଲ କୃଷି ଆଦି ବିଭିନ୍ନ କ୍ଷେତ୍ର ଆଲୋଚନାରେ ସ୍ଥାନ ପାଇଥିଲା । ଦେଶରେ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା ଏବଂ କୃଷକଙ୍କ ଆୟ ବୃଦ୍ଧି ଓ ପୋଷଣ ନିରାପତ୍ତାରେ ଉନ୍ନତି ଆଣିବା ଦିଗରେ ସରକାରଙ୍କ ପ୍ରତିବଦ୍ଧତା ସମ୍ପର୍କରେ ଡକ୍ଟର ଚର୍ତୁବେଦୀ ବୈଠକରେ ସୂଚନା ଦେଇଥିଲେ । କୃଷି ବୈଷୟିକ କ୍ଷେତ୍ରରେ ନୂତନ ସୁଯୋଗ ଖୋଜିବା ଏବଂ ଏ କ୍ଷେତ୍ରରେ ବାଣିଜ୍ୟିକ ସମ୍ପର୍କକୁ ଅଧିକ ଦୃଢ଼

କରିବା ପାଇଁ ଅଷ୍ଟ୍ରେଲିଆ ହାଇକମିଶନର ଶ୍ରୀ ଗ୍ରୀନ୍ ବୈଠକରେ ଆଗ୍ରହ ପ୍ରକାଶ କରିଥିଲେ ବୋଲି ମନ୍ତ୍ରଣାଳୟ କହିଛି ।

## ବାଲିଯାତ୍ରା

ପବିତ୍ର କାର୍ତ୍ତିକ ମାସର ଶେଷଦିନରେ ଆଜି ଓଡ଼ିଶାରେ ପରମ୍ପରା ଅନୁଯାୟୀ ସକାଳୁ ବିଭିନ୍ନ ନଦୀ, ପୁଷ୍କରିଣୀ ଓ ମହୋଦଧିରେ ଡଙ୍ଗାଭସାଣ ପର୍ବ ଅନୁଷ୍ଠିତ ହୋଇଛି । ଉତ୍କଳୀୟ ପରମ୍ପରାରେ ଆଜିର ଦିବସ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ଧାର୍ମିକ ବିଧି ଅନୁସାରେ ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉ ରତ୍ନସିଂହାସନରେ ସୁନାବେଶରେ ଦର୍ଶନ ଦେଉଛନ୍ତି । ଠାକୁରଙ୍କର ଏହି ଦୁର୍ଲଭ ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କର ପ୍ରବଳ ଭିଡ଼ ହୋଇଛି । ଉତ୍କଳର ଐତିହ୍ୟ ସଂପନ୍ନ ବାଲିଯାତ୍ରାର ସ୍ମୃତିଚାରଣ କରି କଟକଠାରେ ଆଜିଠାରୁ ଐତିହାସିକ ବାଲିଯାତ୍ରା ଆରମ୍ଭ ହେଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅପରାହ୍ନ ସାଢ଼େ ୫ଟାରେ ବାଲିଯାତ୍ରା ଉତ୍ସବକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ବାଲିଯାତ୍ରା ମହୋତ୍ସବ ଚାଲିବ । ବାଲିଯାତ୍ରାର ଉପର ଓ ତଳ ପଡ଼ିଆରେ ଅଢ଼େଇ ହଜାରରୁ ଅଧିକ ଛୋଟବଡ଼ ଦୋକାନ ସ୍ଥାନ ପାଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୋଇତ ବନ୍ଦାଣ ଏବଂ ବାଲିଯାତ୍ରା ଉତ୍ସବ ପାଇଁ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି କହିଛନ୍ତି

ଓଡ଼ିଶାର ନୌ-ପରମ୍ପରା ବହୁ ପ୍ରାଚୀନ । ଭାରତୀୟ ସାଂସ୍କୃତିକ ବୈଭବରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

## ମହାରାଷ୍ଟ୍ର ଗୁଜୁରାଟ-ଇଡି ରେଡ୍

ମାଲେଗାଓଁର ଜଣେ ବ୍ୟବସାୟୀଙ୍କ ଦ୍ୱାରା ଆର୍ଥିକ ହେରଫେର ମାମଲା ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଗତକାଲି ମହାରାଷ୍ଟ୍ର ଏବଂ ଗୁଜୁରାଟର ୧୬ଟିରୁ ଅଧିକ ସ୍ଥାନରେ ଚଢ଼ଉ କରିଥିଲା । ବ୍ୟାଙ୍କ ଆକାଉଣ୍ଟ ଅପବ୍ୟବହାର ମାଧ୍ୟମରେ ପ୍ରାୟ ୯୦କୋଟି ଟଙ୍କାର ଆର୍ଥିକ ହେରଫେର ହୋଇଥିବା ନେଇ ସେହି ବ୍ୟବସାୟୀଙ୍କ ବିରୁଦ୍ଧରେ ଅଭିଯୋଗ ରହିଛି । ଇଡି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତକାଲି ରାତି ପର୍ଯ୍ୟନ୍ତ ଚାଲିଥିବା ଏହି ଚଢ଼ଉରେ ବ୍ୟବସାୟୀଙ୍କ ଦୁଇଟି ବ୍ୟାଙ୍କ ଆକାଉଣ୍ଟରୁ ୧ କୋଟି ୮୦ଲକ୍ଷ ଟଙ୍କା ଜବତ କରାଯାଇଛି । ତେବେ ଏନେଇ ଅଧିକ ତଦନ୍ତ ଜାରି ରହିଛି । ମାଲେଗାଓଁ, ନାସିକ, ମୁମ୍ବଇ, ଅହମ୍ମଦାବାଦ ଏବଂ ସୁରଟର ବିଭିନ୍ନ ଅଞ୍ଚଳରେ ଏହି ମାମଲାରେ ତଦନ୍ତ କରାଯାଇଥିବା ଇଡି ସୂଚନା ଦେଇଛି ।

# କ୍ରିକେଟ୍

ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାରି ଟିକିଆ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ଚତୁର୍ଥ ତଥା ଅନ୍ତିମ ମ୍ୟାଚ୍ ଆଜି ଖେଳାଯିବ । ଭାରତୀୟ ସମୟ ରାତି ୮ଟା ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଜୋହାନ୍ସବର୍ଗର ୱାଣ୍ଡରର୍ସ୍ ଷ୍ଟାଡିୟମ୍‌ରେ ଆରମ୍ଭ ହେବ । ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ଦକ୍ଷିଣ ଆଫ୍ରିକାକୁ ୬୧ରନ୍‌ରେ ପରାସ୍ତ କରିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଘରୋଇ ଦଳ ଭାରତକୁ ୩ ୱିକେଟ୍‌ରେ ହରାଇଥିଲା । ତେବେ ତୃତୀୟ ମ୍ୟାଚ୍‌ରେ ଭାରତ ୧୧ ରନ୍‌ରେ ବିଜୟୀ ହୋଇ  ବର୍ତ୍ତମାନ ସୁଦ୍ଧା ୨-୧ରେ ଏହି ସିରିଜ୍ ଅଗ୍ରଣୀ ରହିଛି ।

# ଟେନିସ୍

ଏ.ଟି.ପି. ଟେନିସ୍ ଫାଇନାଲ୍ସ ୨୦୨୪ ପ୍ରତିଯୋଗିତାର ପୁରୁଷ ଡବଲ୍ସ ବର୍ଗରେ ଭାରତର ରୋହନ ବୋପାନ୍ନା ଏବଂ ତାଙ୍କର ଅଷ୍ଟ୍ରେଲିୟ ଜୋଡ଼ିଦାର ମାଥ୍ୟୁ ଏବ୍‌ଡେନ୍ ଆଜି ଅନ୍ତିମ ଗ୍ରୁପ୍ ମ୍ୟାଚ୍ ଖେଳିବେ । ସେମାନେ ଭାରତୀୟ ସମୟ ଅପରାହ୍ଣ ଚାରିଟା ବେଳେ ଜର୍ମାନୀର କେଭିନ୍ କ୍ରାୱିଜ୍ ଓ ଟିମ୍ ପୁଏଜ୍‌ଙ୍କ ଯୋଡ଼ିକୁ ଭେଟିବେ । ଏହି

ପ୍ରତିଯୋଗିତାରେ ପ୍ରଥମ ଦୁଇଟି ମ୍ୟାଚ୍ ହାରିବା ପରେ ବର୍ତ୍ତମାନ ବୋପାନ୍ନା ଓ ଏବ୍‌ଡେନ୍ ଯୋଡ଼ି ସେମିଫାଇନାଲ୍‌ରୁ ବାଦ୍ ପଡ଼ିଛନ୍ତି ।